ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/PR&DW(Od)/280/24-04-2025**

# କ୍ରମାଗତ ତୃତୀୟ ଥର ଲାଗି ଜାତୀୟ ପଞ୍ଚାୟତ ପୁରସ୍କାରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା

## SIRD&PR ଓ ମୟୂରଭଞ୍ଜର ହାଟଭଦ୍ରା ଗ୍ରାମପଞ୍ଚାୟତକୁ ସମ୍ମାନିତ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୪/୦୪/୨୦୨୫

କ୍ରମାଗତ ତୃତୀୟ ବର୍ଷ ଲାଗି ମର୍ଯ୍ୟାଦାଜନକ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୩-୨୪ ଲାଗି ନିଜ ନାମକୁ ସ୍ଥାନିତ କରି ପୁଣି ଥରେ ଓଡ଼ିଶା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଅଛି, ଯାହା ତୃଣମୂଳ ଗଣତନ୍ତ୍ର ଓ ସମାବେଶୀ ବିକାଶକୁ ମଜବୁତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏପ୍ରିଲ ୨୪ ତାରିଖରେ ବିହାରର ମଧୁବନୀରେ ଅନୁଷ୍ଠିତ **ଜାତୀୟ ପଞ୍ଚାୟତିରାଜ ଦିବସ – 2025** ପାଳନ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ବିଜୟୀ ଗ୍ରାମପଞ୍ଚାୟତ ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରିଛନ୍ତି।

ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ଅଭିନବ ଦକ୍ଷତା ବିକାଶ ପ୍ରଶିକ୍ଷଣ, ପଞ୍ଚାୟତିରାଜ ଅନୁଷ୍ଠାନକୁ ନିରନ୍ତର ମାର୍ଗଦର୍ଶନ ଓ ଯଥୋଚିତ ସହାୟତା ପ୍ରଦାନ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ "ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା" ବର୍ଗରେ ଦ୍ୱତୀୟ ପୁରସ୍କାର ମିଳିଛି।

ଅନ୍ୟପଟେ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକର ହାଟଭଦ୍ରା ଗ୍ରାମପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଓ ପେସା ଅଞ୍ଚଳରେ ଅବସ୍ଥିତ ହୋଇଥିଲେ ମଧ ଏହା ନିଜସ୍ୱ ଆୟ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିବାରେ ସଫଳ ହୋଇଛି । ଫଳସ୍ୱରୂପ "ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ" ବର୍ଗରେ ଦେଶର ୨ ଲକ୍ଷ ୫୦ ହଜାର ପଞ୍ଚାୟତକୁ ପଛରେ ପକାଇ ଦ୍ୱିତୀୟ ଶ୍ରେଷ୍ଠ ସ୍ଥାନ ହାସଲ କରିବାରେ ଅନନ୍ୟ କୃତିତ୍ୱ ହାସଲ କରିପାରିଛି ହାଟଭଦ୍ରା ଗ୍ରାମପଞ୍ଚାୟତ ।

ଏହି ସମ୍ମାନ ପଛରେ SIRD&PRର ନିରନ୍ତର ପରାମର୍ଶ, ବୈଷୟିକ ସୁବିଧା ପ୍ରଦାନ ସହ ସାରାରାଜ୍ୟରେ ସୁଦୃଢ଼ ଓ ସହଭାଗୀ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି କରିବା ସହାୟକ ହୋଇଛି । ଏହାର ନିତ୍ୟନୂତନ ପ୍ରଶିକ୍ଷଣ ମଡ୍ୟୁଲ, ନିୟମିତ ଦକ୍ଷତା ବିକାଶ କର୍ମଶାଳା ଓ ନିରନ୍ତର ତଦାରଖ ଦ୍ୱାରା ପଞ୍ଚାୟତିରାଜ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିଯୋଗୀତାମୂଳକ ମନୋଭାବ ସୃଷ୍ଟି ସହ ଜ୍ଞାନର ପରିସୀମାକୁ ମଧ ପରିବ୍ୟାପ୍ତ କରିଅଛି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକଙ୍କ ସକ୍ରିୟ ମାର୍ଗଦର୍ଶନ ଓ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କ ଉତ୍ସର୍ଗୀକୃତ ସମର୍ଥନ ବଳରେ ଏହି ସଫଳତା ହାସଲ କରିବା ସମ୍ଭବପର ହୋଇପାରିଛି । କ୍ରମାଗତ ତୃତୀୟ ଥର ଲାଗି ଏହି ଜାତୀୟ ସ୍ୱୀକୃତି ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଓ ଏହା ଏକ ସଶକ୍ତ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ ଗଠନ ପାଇଁ ଆମର ସାମୂହିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଅଛି ବୋଲି କହିବା ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ।

SIRD&PRର ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ମୀନା ଖୁସି ପ୍ରକାଶ କରି କହିଛନ୍ତି କି – ଏହି ପୁରସ୍କାର ଓଡ଼ିଶାର ତୃଣମୂଳ ଶାସନ ବ୍ୟବସ୍ଥାର ଏକ ନିଚ୍ଛକ ନିଦର୍ଶନ । ଦକ୍ଷତା ବିକାଶ, ପ୍ରଶିକ୍ଷଣରେ ଅଭିନବତା, ଡିଜିଟାଲ ଅନ୍ତର୍ଭୁକ୍ତିକରଣ ଓ ଗାଇଡେଡ ଇଣ୍ଟରସିପ ମାଧମରେ ଗ୍ରାମପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ପାଇଁ ଆମର ଦୃଢ଼ପ୍ରତିବଦ୍ଧତାର ଏହା ହେଉଛି ନିଷ୍କର୍ଷ । ଆମେ ଏହି ସଫଳତାକୁ ପ୍ରତ୍ୟେକ ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧି, ଅଧିକାରୀ ଓ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସର୍ଗ କରୁଅଛୁ, ଯେଉଁମାନେ ଏହାକୁ ସମ୍ଭବପର କରି ଆଜି ବାସ୍ତବତାରେ ସଜାଇଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୨୨-୨୩ ମସିହା ପାଇଁ ଆମ ରାଜ୍ୟ ଓଡ଼ିଶା ୭ଟି ବର୍ଗରେ ଜାତୀୟ ପଞ୍ଚାୟତ ପୁରସ୍କାର ସ୍ୱରୂପ ୮ କୋଟି ୫୦ ଲକ୍ଷ ଟଙ୍କା ଓ ୨୦୨୧-୨୨ରେ ୮ଟି ପୁରସ୍କାର ସହ ୧୦ କୋଟି ୫୦ ଲକ୍ଷ ଟଙ୍କା ପ୍ରାପ୍ତକରି ଏକ ଜୀବନ୍ତ, ସ୍ୱଚ୍ଛ, ଉତ୍ତରଦାୟୀ, ପାରଦର୍ଶୀ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗଠନର ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ଦିଗରେ ନିରନ୍ତର ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିଛି।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ